GENERAL STUDIES-IV

ସାଧାରଣ ଅଧ୍ୟୟନ-IV

Time : 3 Hours
ସମୟ : ୩ ଘଣ୍ଟା
Full Marks : 250
ପୂର୍ଣ୍ଣ ସଂଖ୍ୟା : ୨୫୦

The question paper contains **17** ***(Seventeen)*** *questions.*
In **Group - A, 12** ***(Twelve)*** *and* **Group - B, 05** ***(Five)*** *together.*
ପ୍ରତ୍ୟେକ ପ୍ରଶ୍ନପତ୍ରରେ **Group - A, 12** (ବାର) ଏବଂ **Group - B, 05** (ପାଞ୍ଚ) କୁ ମିଶାଇ **17** (ସତର) ଟି ପ୍ରଶ୍ନ ରହିଛି ।

GROUP-A
ଗ୍ରୁପ୍–A

Candidates to attempt ***10 (ten)*** *questions in* ***250*** *words.*
Each question carries ***15*** *marks.*
ପରୀକ୍ଷାର୍ଥୀମାନେ **10** ଟି ପ୍ରଶ୍ନ **250** ଶବ୍ଦରେ ଉତ୍ତର ଦେବେ ।
ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ **15** ମାର୍କ ।

1. Suresh is holding a responsible administrative position in a key district. The Industries Minister of the State hails from this district. There is a reserve forest area in the district. Suresh comes to know that relatives of the Minister want to establish an industrial plant in the reserve forest area which will yield huge profits but will uproot locals and damage the ecology of the area. Suresh feels that the plant should not be cleared. After some time, the Minister visits the district and summons Suresh. In a private meeting, the Minister argues that in his capacity as the Industries Minister, he has every right to take administrative decisions, and the state policy is decided by him and not the bureaucrats like Suresh. As Suresh tries to cite rules and environmental concerns in this regard, the Minister offers that any relative of Suresh could be made partner in the proposed plant.

Candidate must not write on this margin.

The Minister counsels Suresh to agree as the plant would in any case come up because he (Minister) can transfer out Suresh and post some more "practical and sensible" officer in his place. So, Suresh may as well benefit from the proposal, the Minister advises Suresh and leaves for the state capital. Suresh is tempted to accept the offer given by the Minister as he could always pretend that he had given clearance under political pressure and his hands are clean. Suresh also knows that the plant would be a reality soon, regardless of his own views on the subject. What advice would you give to Suresh?

ସୁରେଶ ଏକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲାରେ ଏକ ଦାୟିତ୍ୱପୂର୍ଣ୍ଣ ପ୍ରଶାସନିକ ପଦବୀରେ ଅବସ୍ଥାପିତ ହୋଇଛନ୍ତି । ରାଜ୍ୟର ଶିଳ୍ପମନ୍ତ୍ରୀ ଏହି ଜିଲ୍ଲାର ଅଟନ୍ତି । ଏହି ଜିଲ୍ଲାରେ ଏକ ସଂରକ୍ଷିତ ଜଙ୍ଗଲ ଅଛି । ସୁରେଶ ଜାଣିବାକୁ ପାଆନ୍ତି ଯେ ମନ୍ତ୍ରୀଙ୍କ ସମ୍ପର୍କୀୟମାନେ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ଏକ ଶିଳ୍ପ କାରଖାନା ପ୍ରତିଷ୍ଠା କରିବାକୁ ଚାହୁଁଛନ୍ତି, ଯାହା ବିପୁଳ ଲାଭ ଆଣିବ । କିନ୍ତୁ ତାହା ସ୍ଥାନୀୟ ଲୋକଙ୍କୁ ଏବଂ ଅଞ୍ଚଳର ପରିବେଶକୁ କ୍ଷତି ପହଞ୍ଚାଇବ । ସୁରେଶ ଭାବନ୍ତି ଯେ ଅଞ୍ଚଳର ବୃକ୍ଷଲତାକୁ ସଫା କରାଯିବା ଉଚିତ ନୁହେଁ । କିଛି ଦିନ ପରେ ମନ୍ତ୍ରୀ ଜିଲ୍ଲାଗସ୍ତ କରନ୍ତି ଏବଂ ସୁରେଶଙ୍କୁ ଡକାନ୍ତି । ଏକ ବ୍ୟକ୍ତିଗତ ବୈଠକରେ ମନ୍ତ୍ରୀ ଯୁକ୍ତି କରନ୍ତି ଯେ ଶିଳ୍ପମନ୍ତ୍ରୀ ଭାବରେ ତାଙ୍କର ପ୍ରଶାସନିକ ନିଷ୍ପତ୍ତି ନେବାର ସମ୍ପୂର୍ଣ୍ଣ ଅଧିକାର ଅଛି ଏବଂ ରାଜ୍ୟନୀତି ତାଙ୍କ ଦ୍ୱାରା ସ୍ଥିର କରାଯାଏ । ସୁରେଶଙ୍କ ଭଳି ଅମଲାମାନଙ୍କ ଦ୍ୱାରା ରାଜ୍ୟନୀତି ପ୍ରସ୍ତୁତ ହୋଇନଥାଏ ବୋଲି ମଧ୍ୟ ମନ୍ତ୍ରୀ ମତ ଦିଅନ୍ତି । ସୁରେଶ ଏହି ସମ୍ପର୍କରେ ନିୟମ ଏବଂ ପରିବେଶଗତ ଚିନ୍ତାଧାରାକୁ ପ୍ରକାଶ କରିବାକୁ ଚେଷ୍ଟା କରିବାରୁ ମନ୍ତ୍ରୀ ପ୍ରସ୍ତାବ ଦିଅନ୍ତି ଯେ ସୁରେଶଙ୍କ ଯେକୌଣସି ସମ୍ପର୍କୀୟଙ୍କୁ ପ୍ରସ୍ତାବିତ କାରଖାନାରେ ଅଂଶୀଦାର କରାଯାଇପାରିବ । ମନ୍ତ୍ରୀ ଏହି ପ୍ରସ୍ତାବରେ ରାଜିହେବାକୁ ସୁରେଶଙ୍କୁ ପରାମର୍ଶ ଦିଅନ୍ତି । କାରଣ ସେଠାରେ ଯେକୌଣସି ପରିସ୍ଥିତିରେ କାରଖାନା ହେବ । ଆବଶ୍ୟକ ପଡିଲେ ସେ (ମନ୍ତ୍ରୀ) ସୁରେଶଙ୍କୁ ସ୍ଥାନାନ୍ତର କରି ତାଙ୍କ ସ୍ଥାନରେ କିଛି ''ବାସ୍ତବ ବାଦୀ ଓ ସଚେତନ'' ଅଧିକାରୀଙ୍କୁ ନିଯୁକ୍ତି ଦେଇପାରିବେ । ତେଣୁ ସୁରେଶ ଚାହିଁଲେ ବରଂ ଏହି କାରଖାନାରୁ ଉପକୃତ ହୋଇପାରିବେ । ମନ୍ତ୍ରୀ ସୁରେଶଙ୍କୁ ପରାମର୍ଶ ଦେଇ ରାଜ୍ୟ ରାଜଧାନୀକୁ ଚାଲିଯାଆନ୍ତି । ସୁରେଶ ମନ୍ତ୍ରୀଙ୍କ ଦ୍ୱାରା ଦିଆଯାଇଥିବା ପ୍ରସ୍ତାବକୁ ଗ୍ରହଣ କରିବାକୁ ପ୍ରଲୋଭିତ ହୁଅନ୍ତି । କାରଣ ସେ ସବୁବେଳେ ଏପରି କହି ପାରିବେ ଯେ, ସେ ରାଜନୈତିକ ଚାପରେ କ୍ଲିଅରାନ୍ସ ଦେଇଛନ୍ତି ଏବଂ ସେ ନିଜେ ସଫା ଅଛନ୍ତି । ସୁରେଶ ମଧ୍ୟ ଜାଣନ୍ତି ଯେ ଏହି କାରଖାନା ଖୁବ୍ ଶୀଘ୍ର ବାସ୍ତବତାରେ ପରିଣତ ହେବ, ଏଥିରେ ତାଙ୍କର ନିଜ ମତ ଯାହା ହେଉନା କାହିଁକି । ଏହି ପରିପ୍ରେକ୍ଷୀରେ ତୁମେ ସୁରେଶଙ୍କୁ କ'ଣ ପରାମର୍ଶ ଦେବ ?

2. Recently, youngsters, popularly known as GenZ, held protests raising several demands relating to integrity of examination, education policy and unemployment. The protestors showed scant regard for the seniority in age and rank. They affirmed their right to ask questions from anyone in authority and wanted equal status in any decision making process. Are you in agreement with the view that all citizens are fundamentally equal; and nobody can claim monopoly of knowledge or exercise authority on the grounds of age, seniority and social position? How does it reconcile with the Indian culture of respect for the elders and wisdom arising out of long experience of life? Where would you like to draw a demarketing line?

Candidate must not write on this margin.

ସମ୍ପ୍ରତି GenZ ଭାବରେ ଜଣାଶୁଣା ଯୁବକମାନେ ପରୀକ୍ଷାର ସଚ୍ଚୋଟତା, ଶିକ୍ଷାନୀତି ଏବଂ ବେକାରୀ ସମ୍ପର୍କ ଅନେକ ଦାବି ଉଠାଇ ପ୍ରତିବାଦ କରିଥିଲେ । ଆନ୍ଦୋଳନକାରୀମାନେ ବୟସ ଏବଂ ପଦବୀରେ ବରିଷ୍ଠତା ପ୍ରତି ଉଚିତ ସମ୍ମାନ ଦେଖାଇନଥିଲେ । ସେମାନେ କର୍ତ୍ତୃପକ୍ଷଙ୍କ ଠାରୁ ପ୍ରଶ୍ନ ପଚାରିବାର ଅଧିକାରକୁ ଦୃଢ଼ କରିଥିଲେ ଏବଂ ଯେକୌଣସି ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସମାସ୍କନ୍ଧତା ଚାହୁଁଥିଲେ । ତୁମେ କ'ଣ ଏହି ଦୃଷ୍ଟିକୋଣ ସହିତ ସମ୍ମତ ଯେ ସମସ୍ତ ନାଗରିକ ମୌଳିକ ଭାବରେ ସମାନ ଏବଂ କେହି ବୟସର ବରିଷ୍ଠତା ଏବଂ ସାମାଜିକ ସ୍ଥିତି ଆଧାରରେ ଜ୍ଞାନର ଏକାଧିକାର ଦାବି କରିପାରିବେ ନାହିଁ କିମ୍ବା ନିଜର କର୍ତ୍ତୃତ୍ୱ ବ୍ୟବହାର କରିପାରିବେ ନାହିଁ । ଭାରତୀୟ ସଂସ୍କୃତିରେ ଥିବା ଜୀବନର ଦୀର୍ଘ ଅଭିଜ୍ଞତାର ଉତ୍ପନ୍ନ ଜ୍ଞାନ ଏବଂ ବୟସ୍କ ମାନଙ୍କୁ ସମ୍ମାନ ସହିତ ଏହାକୁ କିପରି ମେଳ କରିପାରିବ । ତୁମେ କେଉଁଠାରେ ଏକ ସୀମାରେଖା ଟାଣିବାକୁ ଚାହୁଁଛ ?

3. Ritesh is the head of a Public Sector Undertaking (PSU) which undertakes construction of buildings and bridges. He has two young engineers reporting to him, Mohan and Sohan. Both are equally bright, intelligent and hard working. However, Mohan is an upright and honest man, but foulmouthed. He routinely abuses the workers at the construction site and shouts at them. Sohan, on the other hand, is very polished, sweet-tongued, and polite. He, however, is corrupt to the core and accepts bribes from the suppliers and sub-contractors. Understandably, Sohan is a popular employee while Mohan is hated by one and all. Whom would you rate higher on the scale of integrity and morality? Who is likely to be more successful in execution of projects, both in the short term and long term? If you are Ritesh, what counsel will you give to Mohan and Sohan?

ରୀତେଶ ହେଉଛନ୍ତି କୋଠା ଏବଂ ସେତୁ ନିର୍ମାଣ କରୁଥିବା ଏକ ସାର୍ବଜନୀନ ଉଦ୍ୟୋଗ କ୍ଷେତ୍ରର ମୁଖ୍ୟ । ମୋହନ ଏବଂ ସୋହନ ଦୁଇ ଯୁବ ଇଞ୍ଜିନିୟର ତାଙ୍କ ପାଖରେ ରିପୋର୍ଟ କରୁଛନ୍ତି । ଉଭୟ ସମଭାବରେ ନିପୁଣ, ବୁଦ୍ଧିମାନ ଏବଂ ପରିଶ୍ରମୀ ଅଟନ୍ତି । ମୋହନ ଜଣେ ସାଧୁ, ସଚ୍ଚୋଟ ବ୍ୟକ୍ତି ହେଲେ ମଧ୍ୟ ଅଶ୍ଳୀଳଭାଷା ବ୍ୟବହାର କରନ୍ତି । ସେ ନିୟମିତଭାବରେ ନିର୍ମାଣସ୍ଥଳରେ ଶ୍ରମିକ ମାନଙ୍କୁ ଗାଳିଗୁଲଜ କରିବା ସଙ୍ଗେ ସଙ୍ଗେ ଉଚ୍ଚସ୍ୱରରେ ଚିତ୍କାର କରନ୍ତି । ଅନ୍ୟପକ୍ଷରେ ସୋହନ ଶିଷ୍ଟ, ମିଷ୍ଟଭାଷୀ ଏବଂ ଭଦ୍ର ଅଟନ୍ତି । ତଥାପି ସେ ମୂଳରୁ ଦୁର୍ନୀତିଗ୍ରସ୍ତ ଏବଂ ଯୋଗାଣକାରୀ ଓ ଉପକଣ୍ଟ୍ରାକ୍ଟର୍‌ଙ୍କ ଠାରୁ ସେ ଲାଞ୍ଚ ନେଇଥାନ୍ତି । କହିବା ବାହୁଲ୍ୟ ଯେ, ସୋହନ ଜଣେ ଲୋକପ୍ରିୟ କର୍ମଚାରୀ ଅଥଚ ମୋହନଙ୍କୁ ସମସ୍ତେ ଘୃଣା କରନ୍ତି । ତୁମେ କାହାକୁ ସଚ୍ଚୋଟତା ଏବଂ ନୈତିକ ସ୍ତରରେ ଉଚ୍ଚ ମୂଲ୍ୟାଙ୍କନ କରିବ ? ସ୍ୱଳ୍ପକାଳୀନ ଏବଂ ଦୀର୍ଘକାଳୀନ ଉଭୟକ୍ଷେତ୍ରରେ ପ୍ରକଳ୍ପଗୁଡିକର କାର୍ଯ୍ୟାନ୍ୱୟନରେ କିଏ ଅଧିକ ସଫଳ ହେବାର ସମ୍ଭାବନା ରହିଛି ? ଯଦି ତୁମେ ରୀତେଶ, ତେବେ ତୁମେ ମୋହନ ଏବଂ ସୋହନଙ୍କୁ କ'ଣ କରାମର୍ଶ ଦେବ ?

Candidate must not write on this margin.

4. You are working as Sub-divisional Officer in a remote part of Odisha. Within a few weeks of your posting you observe that the parents are not keen to send their wards to any school, whether Government-run or private. On enquiry, the locals candidly state that there is no point of getting their wards educated as there is rampant unemployment in the area and even well-educated youth do not find any job . On top of that, an educated boy/girl refuses to take up agriculture or animal rearing. How will you convince the locals about the importance of getting the youngsters educated? Do you have suggestions for improving the education policy of the country? Discuss.

ତୁମେ ଓଡ଼ିଶାର ଏକ ଦୂରବର୍ତ୍ତୀ ଅଞ୍ଚଳରେ ଉପଖଣ୍ଡ ଅଧିକାରୀ (Sub-Divisional Officer) ଭାବରେ କାର୍ଯ୍ୟ କରୁଛ । ତୁମେ ସେଠାରେ ଯୋଗଦାନ କରିବାର କିଛି ସପ୍ତାହ ମଧ୍ୟରେ ଜାଣିଲ ଯେ ଅଭିଭାବକମାନେ ସେମାନଙ୍କର ସନ୍ତାନଙ୍କୁ ସରକାରୀ ବା ବେସରକାରୀ ବିଦ୍ୟାଳୟକୁ ପଠାଇବାକୁ ଚାହୁଁ ନାହାନ୍ତି । ପଚରାଉଚରା କରିବାପରେ ସ୍ଥାନୀୟ ଲୋକମାନେ ସ୍ପଷ୍ଟ ଭାବରେ କହନ୍ତି ଯେ ସେମାନଙ୍କ ପିଲାମାନଙ୍କୁ ଶିକ୍ଷିତ କରିବାର କୌଣସି ଅର୍ଥ ନାହିଁ । କାରଣ ଏହି ଅଞ୍ଚଳରେ ବେକାରୀସମସ୍ୟା ରହିଛି ଏବଂ ଶିକ୍ଷିତ ଯୁବକମାନେ ମଧ୍ୟ କୌଣସି ଚାକିରୀ ପାଇନାହାନ୍ତି । ତା'ଠାରୁ ବଡ଼କଥା ହେଉଛି, ଜଣେ ଶିକ୍ଷିତ ପୁଅ/ଝିଅ କୃଷି କିମ୍ବା ପଶୁପାଳନ କରିବାକୁ ମନାକରନ୍ତି । ଯୁବକମାନଙ୍କୁ ଶିକ୍ଷିତ କରିବାର ଗୁରୁତ୍ୱ ବିଷୟରେ ତୁମେ ସ୍ଥାନୀୟ ଲୋକଙ୍କୁ କିପରି ବୁଝାଇବ ? ଦେଶର ଶିକ୍ଷାନୀତିକୁ ଉନ୍ନତ କରିବା ପାଇଁ ତୁମର କିଛି ପରାମର୍ଶ ଅଛି କି ? ଆଲୋଚନା କର ।

5. Govind is a senior citizen and suffers with an eye ailment. He wants to travel to the United Kingdom (UK) for medical consultation. He applies for the Passport. However, the Passport Officer refuses to issue him a passport as Govind does not have a Voter ID card, putting the citizenship status of Govind under doubt. Govind argues that he, and even his parents, were born in India and he meets all the requirements of holding a passport. He also pleads his case on the ground of medical necessity and his advancing age. However, the Passport Officer, though sympathetic, expresses his inability to issue a passport to him. Examine the case from the point of view of ethical governance, duty to serve the public, quality of service on the one hand and the duty to enforce the rules on the other.

ଗୋବିନ୍ଦ ଜଣେ ବରିଷ୍ଠ ନାଗରିକ ଏବଂ ତାଙ୍କର ଆଖି ରୋଗ ଅଛି । ସେ ଡାକ୍ତରୀ ପରାମର୍ଶ ପାଇଁ ଯୁକ୍ତରାଷ୍ଟ୍ର (UK) ଯାତ୍ରା କରିବାକୁ ଚାହୁଁଛନ୍ତି । ସେ ପାସପୋର୍ଟ ପାଇଁ ଆବେଦନ କରନ୍ତି । କିନ୍ତୁ ଗୋବିନ୍ଦଙ୍କ ପାଖରେ ଭୋଟର ପରିଚୟ ପତ୍ର ନଥିବାରୁ ପାସ୍‌ପୋର୍ଟ ଅଧିକାରୀ ତାଙ୍କୁ ପାସ୍‌ପୋର୍ଟ ଦେବାକୁ ମନା କରିଦିଅନ୍ତି । ଏହା ଫଳରେ ଗୋବିନ୍ଦଙ୍କ ନାଗରିକତା ସ୍ଥିତି ସନ୍ଦେହଘେରକୁ ଆସିଯାଏ । ଗୋବିନ୍ଦ ଯୁକ୍ତି କରନ୍ତି ଯେ ସେ ଏବଂ ତାଙ୍କର ପିତାମାତା ମଧ୍ୟ ଭାରତରେ ଜନ୍ମଗ୍ରହଣ କରିଛନ୍ତି ଏବଂ ସେ ପାସ୍‌ପୋର୍ଟ ରଖିବାର ସମସ୍ତ ଆବଶ୍ୟକତା ପୂରଣ କରିଛନ୍ତି । ସେ ମଧ୍ୟ ତାଙ୍କର ଚିକିତ୍ସା ଆବଶ୍ୟକତା ଏବଂ ବୟସବୃଦ୍ଧିକୁ ଆଧାର କରି ତାଙ୍କ ମାମଲା ଉପସ୍ଥାପନ କରନ୍ତି । ତଥାପି ପାସ୍‌ପୋର୍ଟ ଅଧିକାରୀ ସହାନୁଭୂତିଶୀଳ ହେଲେ ସତ୍ତ୍ୱେ ତାଙ୍କ ପାସ୍‌ପୋର୍ଟ ପ୍ରଦାନ କରିବାରେ ତାଙ୍କର ଅକ୍ଷମତା ପ୍ରକାଶ କରନ୍ତି । ଗୋଟିଏ ପଟରେ ନୈତିକ ଶାସନ, ଜନସାଧାରଣଙ୍କ ସେବା କରିବାର କର୍ତ୍ତବ୍ୟ ଓ ସେବାର ଗୁଣବତ୍ତା ଏବଂ ଅନ୍ୟପଟେ ନିୟମ ଲାଗୁ କରିବାର କର୍ତ୍ତବ୍ୟ ଦୃଷ୍ଟିକୋଣରୁ ଏହି ମାମଲାଟି ବିଚାର କର ।

Candidate must not write on this margin.

6. French political thinker Baron de Montesquieu said, "There is no greater tyranny than that which is perpetrated under the shield of law and in the name of justice". Are you in agreement? Examine in the light of Salt Satyagraha by Mahatma Gandhi. Do you think that government officials are responsible for the "tyranny of law and justice" which Montesquieu is referring to? If yes, suggest some remedial measures.

ଫରାସୀ ରାଜନୈତିକ ଚିନ୍ତକ ବାରୋନ୍ ଡେ ମୋଣ୍ଟେସ୍କ୍ୟୁ (Baron de Montesquieu) କହିଥିଲେ ଯେ ଆଇନ୍‌ର ଢ଼ାଲତଳେ ଏବଂ ନ୍ୟାୟ ନାମରେ କରାଯାଉଥିବା ଅତ୍ୟାଚାର ଠାରୁ ବଡ଼ ଅତ୍ୟାଚାର ଆଉ କିଛି ନାହିଁ । ତୁମେ ଏଥିରେ ସମ୍ମତ କି ? ମହାତ୍ମାଗାନ୍ଧୀଙ୍କ ଲବଣ ସତ୍ୟାଗ୍ରହ ପରିପ୍ରେକ୍ଷୀରେ ଏହା ବିଚାର କର । ତୁମେ କ'ଣ ଭାବୁଛ ଯେ ମୋଣ୍ଟେସ୍କ୍ୟୁ ଯାହା ସୂଚାଇଛନ୍ତି, ତଦନୁସାରେ ସରକାରୀ ଅଧିକାରୀମାନେ ଏହି ଆଇନ୍ ଏବଂ ନ୍ୟାୟର ଅତ୍ୟାଚର ପାଇଁ ଦାୟୀ ଅଟନ୍ତି ? ଯଦି ହିଁ, ଏହି ଦିଗରେ ପ୍ରତିକାରାତ୍ମକ ପଦକ୍ଷେପ ସମ୍ବନ୍ଧରେ ତୁମର ମତ ଉପସ୍ଥାପନ କର ।

7. The Election Commission of India has launched the Special Intensive Revision (SIR) of electoral rolls in several states. It has raised concerns in some sections about voting rights and inclusion of names in the electoral rolls. While the necessity of the SIR to ensure integrity of elections cannot be disputed, offer your suggestions to make it more people friendly, elucidating the principles of administrative accountability and ethical governance.

ଭାରତର ନିର୍ବାଚନ କମିଶନ ରାଜ୍ୟରେ ଭୋଟର ତାଲିକାର ସଘନ ସଂଶୋଧନ SIR ଆରମ୍ଭ କରିଛନ୍ତି । ଏହି ଭୋଟଦାନ ଅଧିକାର ଏବଂ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ କରିବା ବିଷୟରେ କିଛି ବର୍ଗରେ ଚିନ୍ତା ସୃଷ୍ଟି କରିଛି । ନିର୍ବାଚନର ଅକ୍ଷୁର୍ଣ୍ଣତା ସୁନିଶ୍ଚିତ କରିବା ପାଇଁ SIR ର ଆବଶ୍ୟକତାକୁ ବିବାଦୀୟ କରାଯାଇପାରିବ ନାହିଁ, ପ୍ରଶାସନିକ ଉତ୍ତରଦାୟିତ୍ୱ ଏବଂ ନୈତିକ ଶାସନନୀତିଗୁଡିକୁ ପୃଷ୍ଠଭୂମିରେ ରଖି ଏହାକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ତୁମର ପରାମର୍ଶ ଉପସ୍ଥାପନା କର ।

8. A large number of people in India continue to harbour superstitious beliefs. What are the reasons for this state of affairs? What steps can be taken by the administration and the government to promote scientific temper and to weaken superstitions, prejudice and misconceived notions from the society?

Candidate must not write on this margin.

ଭାରତରେ ବହୁସଂଖ୍ୟକ ଲୋକ ଅନ୍ଧବିଶ୍ୱାସ ଘୋଷଣା କରିଚାଲିଛନ୍ତି । ଏହି ପରିସ୍ଥିତି ପାଇଁ କାରଣ କ'ଣ? ବୈଜ୍ଞାନିକ ମନୋଭାବକୁ ପ୍ରୋତ୍ସାହିତ କରିବା ଏବଂ ସମାଜରୁ ଅନ୍ଧବିଶ୍ୱାସ, ପକ୍ଷପାତ ଏବଂ ଭୁଲଧାରଣାକୁ ଦୁର୍ବଳ କରିବା ପାଇଁ ପ୍ରଶାସନ ଏବଂ ସରକାରଙ୍କ ଦ୍ୱାରା କିପରି ପଦକ୍ଷେପ ନିଆଯାଇପାରିବ?

9. The Right to Information Act protects information of personal nature such as Income-tax returns and bank account details of individuals from disclosure to anyone seeking information. Arguably, this has resulted in shielding information about dubious transactions from public scrutiny. Discuss the role of the RTI Act in promoting transparency and curbing corruption. Do you think that the income and bank account details of all public servants should be in the public domain to check corruption in bureaucracy? Justify.

ସୂଚନା ଅଧିକାର ଆଇନ ଆୟକର ରିଟର୍ଣ୍ଣ ଏବଂ ବ୍ୟକ୍ତିବିଶେଷଙ୍କ ବ୍ୟାଙ୍କ୍ ଆକାଉଣ୍ଟ ବିବରଣୀ ଭଳି ବ୍ୟକ୍ତିଗତ ସୂଚନାକୁ ସୂଚନା ଚାହୁଁଥିବା ଯେକୌଣସି ବ୍ୟକ୍ତିଙ୍କୁ ପ୍ରକାଶ କରିବାରୁ ସୁରକ୍ଷିତ ରଖେ । ତର୍କ ଦୃଷ୍ଟିରୁ, ଏହାଦ୍ୱାରା ସାଧାରଣ ଯାଞ୍ଚରୁ ସନ୍ଦେହଜନକ କାରବାର ବିଷୟରେ ସୂଚନାକୁ ଢାଙ୍କି ଦିଆଯାଉଛି । ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରିବା ଏବଂ ଦୁର୍ନୀତି ରୋକିବାରେ RTI ଆଇନର ଭୂମିକା ବିଷୟରେ ଆଲୋଚନା କର । ତୁମେ କଣ ଭାବୁଛ ଯେ ଅମଲାତନ୍ତ୍ରରେ ଦୁର୍ନୀତିକୁ ଯଞ୍ଚ କରିବା ପାଇଁ ସମସ୍ତ ସରକାରୀ କର୍ମଚାରୀଙ୍କ ଆୟ ଏବଂ ବ୍ୟାଙ୍କ୍ ଆକାଉଣ୍ଟର ବିବରଣୀ ସାର୍ବଜନୀନ ହେବା ଉଚିତ୍ ? ଯଥାର୍ଥତା ପ୍ରତିପାଦନ କର ।

10. While we seek to establish an egalitarian society, the disparities in income levels continue to remain acute and even accentuate . What are the reasons for inequalities in society, economic as well social and educational? How can, in your opinion, senior government functionaries help in realising the ideal of "equality of status and opportunity" as enshrined in the Preamble of the Constitution?

ଆମେ ଏକ ସମତାବାଦ (egalitarian) ର ସମାଜ ପ୍ରତିଷ୍ଠା କରିବାକୁ ଚାହୁଁଥିବା ବେଳେ ଆୟସ୍ତରର ଅସମାନତା ତୀବ୍ର ଏବଂ ଆହୁରି ଅଧିକ ବୃଦ୍ଧି ପାଉଛି । ସମାଜରେ ଆର୍ଥିକ, ସାମାଜିକ ଏବଂ ଶିକ୍ଷାଗତ ଦୃଷ୍ଟିରୁ ଏହି ଅସମାନତାର କାରଣ କ'ଣ ? ତୁମ ମତରେ ସମ୍ବିଧାନର ପ୍ରସ୍ତାବନରେ ଉଲ୍ଲିଖିତ ସମାସ୍କନ୍ଧତା ଏବଂ ସୁଯୋଗର ଆଦର୍ଶକୁ ପ୍ରକାଶ କରିବାରେ ବରିଷ୍ଠ ସରକାରୀ କର୍ମଚାରୀମାନେ କିପରି ସାହାଯ୍ୟ କରିପାରିବେ ?

11. The Latin phrase "Nullius in Verba" meaning 'Take nobody's word for it' emphasises rejection of traditional wisdom, demand of evidence/proof for our beliefs and promotion of scientific temper. It was adopted by the Royal Society of London as its official motto around 1663 AD. Do you think adoption of this attitude is essential for laying the foundation for modern India? Discuss with specific reference to the goal of Viksit Bharat by 2047.



Candidate must not write on this margin.

ଲାଟିନ୍ ଖଣ୍ଡବାକ୍ୟ phrase "Nullius in Verba" ର ଅର୍ଥ ''କାହାରି କଥାରେ ନୁହେଁ'' । ଏହା ପାରମ୍ପରିକ ଜ୍ଞାନକୁ ପ୍ରତ୍ୟାଖ୍ୟାନ, ଆମର ବିଶ୍ୱାସ ପାଇଁ ପ୍ରମାଣ ଦାବି ଏବଂ ବୈଜ୍ଞାନିକ ମନୋଭାବକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱ ଦିଏ । ଏହାକୁ ପ୍ରାୟ 1663 AD ରେ ଲଣ୍ଡନର ରାଜକୀୟ ସମାଜ (ରୟାଲ୍ ସୋସାଇଟି) ନିଜର ସରକାରୀ ଆରଚଣବିଧି (motto) ଭାବରେ ଗ୍ରହଣ କରିଥିଲା । ତୁମେ କ'ଣ ଭାବ ଯେ ଆଧୁନିକ ଭାରତର ମୂଳଦୁଆ ସ୍ଥାପନ ପାଇଁ ଏହି ମନୋଭାବ ଗ୍ରହଣ କରିବା ଜରୁରୀ ? 2047 ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟ ହାସଲ ର ସ୍ୱତନ୍ତ୍ର ପରିପ୍ରେକ୍ଷୀରେ ଏହା ଆଲୋଚନା କର ।

12. Shyam is a Professor of Computer Science and Artificial Intelligence (AI) in a private university. He, along with his senior students, have been working on designing a robot using AI, The robot is to be showcased in a prestigious international exhibition and the dates have been announced. The timelines for the project are very tight. Shyam and his team are working day and night to have the robot ready. However,the team is not able to sort out the technical glitches in the project. It is now clear that not only the university but the country will face huge embarrassment as the debut of the robot has already been given wide publicity. At a personal level, the career prospects of Shyam will be as good as finished. A senior team member of Shyam suggests making cosmetic changes in an imported robot already available and presenting it as the one engineered by the university team. Later, it would be replaced by the robot being worked upon by the team and nobody would come to know of it. The idea seems appealing to Shyam. He asks his team to go ahead. To his close aides, Shyam justifies the decision on the ground of protecting the honour of the country. How ethical is the decision of Shyam? Can it be justified on the grounds of love for nation and/or practicalities of real life? What will be your suggestions to Shyam? Are there any alternatives which you can suggest to Shyam and his team?

ଶ୍ୟାମ ଏକ ବେସରକାରୀ ବିଶ୍ୱବିଦ୍ୟାଳୟରେ କମ୍ପ୍ୟୁଟର ବିଜ୍ଞାନ ଏବଂ କୃତ୍ରିମ ବୁଦ୍ଧିମତ୍ତା (AI) ବିଭାଗରେ ପ୍ରଫେସର ଅଟନ୍ତି । ତାଙ୍କର ବରିଷ୍ଠ ଛାତ୍ରମାନଙ୍କ ସହିତ ସେ AI କୁ ବ୍ୟବହାର କରି ଏକ ରୋବଟ ଡିଜାଇନ୍ କରିବା ଉପରେ କାମ କରୁଛନ୍ତି । ଏକ ପ୍ରତିଷ୍ଠିତ ଅନ୍ତର୍ଜାତୀୟ ପ୍ରଦର୍ଶନୀରେ ରୋବଟ୍ ପ୍ରଦର୍ଶିତ ହେବାକୁ ଯାଉଛି ଏବଂ ଏହାର ତାରିଖ ଘୋଷଣା କରାଯାଇଛି । ପ୍ରକଳ୍ପ ପାଇଁ ସମୟସୀମା ସ୍ୱଳ୍ପ ରହିଛି । ଶ୍ୟାମ ଏବଂ ତାଙ୍କ ଦଳ ରୋବୋଟ୍ ପ୍ରସ୍ତୁତ କରିବା ପାଇଁ ଦିନରାତି ପରିଶ୍ରମ କରୁଛନ୍ତି । ତଥାପି ତାଙ୍କ ଦଳ ପ୍ରକଳ୍ପରେ ଥିବା ବୈଷୟିକ ତ୍ରୁଟିଗୁଡ଼ିକୁ ସମାଧାନ କରିବାରେ ସମର୍ଥ ହୋଇପାରୁନାହିଁ । ଏହା ଏବେ ସ୍ପଷ୍ଟ ଯେ କେବଳ ବିଶ୍ୱବିଦ୍ୟାଳୟ ନୁହେଁ, ବରଂ ଦେଶକୁ ଏଥିପାଇଁ ବହୁତ ଲଜ୍ଜାର ସମ୍ମୁଖୀନ ହେବାକୁ ପଡ଼ିବ ।

Candidate must not write on this margin.

କାରଣ ପ୍ରଥମଥର ପାଇଁ ରୋବୋଟ୍ ର ପ୍ରଚାର ଓ ପ୍ରସାର ହୋଇସାରିଛି । ବ୍ୟକ୍ତିଗତ ସ୍ତରରେ ଦେଖିବାକୁ ଗଲେ ଶ୍ୟାମଙ୍କ କ୍ୟାରିଅର୍ ସମ୍ଭାବନା ଶେଷ ହୋଇଯିବ । ଶ୍ୟାମଙ୍କ ବରିଷ୍ଠଦଳର ସଦସ୍ୟଙ୍କ ମଧ୍ୟରୁ ଜଣେ ପୂର୍ବରୁ ଉପଲବ୍ଧ ଏକ ଆମଦାନୀ ରୋବୋଟ୍‌ରେ କସ୍‌ମେଟିକ୍ ପରିବର୍ତ୍ତନ କରିବାକୁ ଏବଂ ଏହାକୁ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ରୋବୋଟ୍ ଭାବରେ ଉପସ୍ଥାପନା କରିବାକୁ ପରାମର୍ଶ ଦେଇଛନ୍ତି । ପରବର୍ତ୍ତୀକାଳରେ ଏହା ଦଳଦ୍ୱାରା କାମ କରାଯାଇଥିବା ରୋବୋଟ୍ ଦ୍ୱାରା ବଦଳାଯିବ ଏବଂ କେହି ଏହା ଜାଣିପାରିବେ ନାହିଁ । ଏହି ପ୍ରସ୍ତାବ ଶ୍ୟାମଙ୍କୁ ଆକର୍ଷଣୀୟ ମନେହୁଏ । ସେ ତାଙ୍କ ଦଳକୁ ଆଗକୁ ବଢ଼ିବାକୁ ଅନୁରୋଧ କରନ୍ତି । ତାଙ୍କ ନିକଟତର ସହଯୋଗୀମାନଙ୍କ ପାଇଁ ଶ୍ୟାମ ଦେଶର ସମ୍ମାନ ରକ୍ଷା କରିବା ନିଷ୍ପତ୍ତିକୁ ଯଥାର୍ଥ ବୋଲି କହନ୍ତି । ଶ୍ୟାମଙ୍କ ନିଷ୍ପତ୍ତି କେତେଦୂର ନୀତିଗତ ? ଜାତିପ୍ରତି ପ୍ରେମ ଏବଂ / କିମ୍ବା ବାସ୍ତବଜୀବନର ଚୁକ୍ତିନାମା ଆଧାରରେ ଏହାକୁ ଯଥାର୍ଥ କୁହାଯାଇପାରିବ କି ? ଶ୍ୟାମଙ୍କ ପ୍ରତି ତୁମର ପରାମର୍ଶ କ'ଣ ? ଶ୍ୟାମ ଏବଂ ତାଙ୍କଦଳକୁ ତୁମେ କେଉଁ ପରାମର୍ଶ ଦେବ ?

GROUP-B

ଗ୍ରୁପ୍-B

Candidates to attempt all questions in 300 words.

Each question carries 20 marks.

ପରୀକ୍ଷାର୍ଥୀମାନେ ସମସ୍ତ ପ୍ରଶ୍ନ **300** ଶବ୍ଦରେ ଉତ୍ତର ଦେବେ ।

ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ **20** ମାର୍କ ।

13. Famous English novelist Oscar Wilde said, "Education is an admirable thing but it is well to remember from time to time that nothing that is worth knowing can be taught". Do you agree with him that qualities of heart like empathy, morality, compassion, selfless service and contentment which are extremely desirable in a public servant cannot be taught? Discuss the role of family,society, education and culture in shaping attitudes of a person.

ପ୍ରସିଦ୍ଧ ଇଂରାଜୀ ଔପନ୍ୟାସିକ ଓସ୍କାର ୱାଇଲ୍ଡ୍ କହିଥିଲେ, ''ଶିକ୍ଷା ଏକ ପ୍ରଶଂସନୀୟ ବ୍ୟବସ୍ଥା । କିନ୍ତୁ ସମୟ ସମୟରେ ଏହା ମନେ ରଖିବା ଭଲ ଯେ ଯାହା ଜାଣିବା ଯୋଗ୍ୟ ତାହା ଶିକ୍ଷା ଦିଆଯାଇପାରିବ ନାହିଁ ।'' ତୁମେ କ'ଣ ତାଙ୍କ ସହ ଏକମତ ଯେ ସହାନୁଭୂତ, ନୈତିକତା, କରୁଣା, ନିଃସ୍ୱାର୍ଥପର ସେବା ଏବଂ ସନ୍ତୋଷ ଭଳି ହୃଦୟର ଯେଉଁ ଗୁଣଗୁଡିକ ଜଣେ ସରକାରୀ କର୍ମଚାରୀଙ୍କ ଠାରେ ରହିବା ବାଞ୍ଛନୀୟ, ତାହା ଶିକ୍ଷା ଦିଆଯାଇପାରିବ ନାହିଁ ? ଜଣେ ବ୍ୟକ୍ତିଙ୍କ ମନୋଭାବ ଗଠନରେ ପରିବାର, ସମାଜ, ଶିକ୍ଷା ଏବଂ ସଂସ୍କୃତି ର ଭୂମିକା ବିଷୟରେ ଆଲୋଚନା କର ।

Candidate must not write on this margin.

14. Several Governments have launched schemes towards welfare of the poor. Many such schemes envisage direct transfer of money to the bank accounts of eligible beneficiaries. Some thinkers are critical of these developments, arguing that such 'freebies' are wasteful as no economic purpose is served by such schemes. They contend that these schemes are a drain on state exchequer and only make people indolent. Discuss the ethical dimension of these schemes of money transfer in the light of principles of welfare state, empathy for the poor and justice to all.

ଗରିବଙ୍କ କଲ୍ୟାଣପାଇଁ ଅନେକ ସରକାର ଯୋଜନା ଆରମ୍ଭ କରିଛନ୍ତି । ଏପରି ଅନେକ ଯୋଜନା ଯୋଗ୍ୟ ହିତାଧିକାରୀଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ସିଧାସଳଖ ଟଙ୍କା ସ୍ଥାନାନ୍ତର କରିବା ଚିନ୍ତାଧାରା ରଖିଛନ୍ତି । କିଛି ଚିନ୍ତକ ଏହି ବିକାଶଗୁଡିକର ସମାଲୋଚନା କରନ୍ତି । ସେମାନେ ଯୁକ୍ତି ଦର୍ଶାନ୍ତି ଯେ ଏପରି ମାଗଣା ହେଉଛି ଅପଚୟ । କାରଣ ଏପରି ଯୋଜନା ଦ୍ୱାରା କୌଣସି ଆର୍ଥିକ ଉଦ୍ଦେଶ୍ୟ ପୂରଣ ହୁଏ ନାହିଁ । ସେମାନେ ଯୁକ୍ତି ବାଢ଼ନ୍ତି ଯେ ଏହି ଯୋଜନାଗୁଡିକ ରାଜ୍ୟ ରାଜକୋଷରୁ ଟଙ୍କାବୋଝ ଏବଂ ଏହା ଲୋକଙ୍କୁ କେବଳ ଆଳସ୍ୟ ପରାୟଣ କରିଥାଏ । କଲ୍ୟାଣକାରୀ ରାଷ୍ଟ୍ରର ନୀତି, ଗରିବଙ୍କ ପ୍ରତି ସହାନୁଭୂତି ଏବଂ ସମସ୍ତଙ୍କ ପ୍ରତି ନ୍ୟାୟର ପୃଷ୍ଠଭୂମିରେ ଟଙ୍କା ହସ୍ତାନ୍ତର ର ଏହି ଯୋଜନାଗୁଡିକର ନୈତିକ ଦିଗ ଉପରେ ଆଲୋଚନା କର ।

15. "When you call yourself an Indian or a Muslim or a Christian or European, or anything else, you are being violent. Do you see why it is violent? Because you are separating yourself from the rest of mankind. When you separate yourself by belief, by nationality, by tradition, it breeds violence. So a man seeking to understand violence does not belong to any country,to any religion, to any political party or partial system; he is concerned with the total understanding of mankind" - J. Krishnamurti. Do you agree with this kind of internationalism which is in consonance with the Indian philosophy of Vasudhaiva Katumbakam (the whole world is one family) ? Discuss in the light of recent US-Iran and Russia-Ukraine wars, growth of hyper-nationalism and the feeling that the world is no more a global village.

''ତୁମେ ଯେତେବେଳେ ନିଜକୁ ଜଣେ ଭାରତୀୟ କିମ୍ବା ମୁସଲମାନ କିମ୍ବା ଜଣେ ଖ୍ରୀଷ୍ଟିଆନ୍ କିମ୍ବା ୟୁରୋପୀୟ କିମ୍ବା ଅନ୍ୟକିଛି ବୋଲି କୁହ, ତୁମେ ହିଂସାତ୍ମକ ହୋଇଉଠୁଛ । ତୁମେ କ'ଣ ଦେଖିପାରୁଛ ଏହା କାହିଁକି ହିଂସାତ୍ମକ ? କାରଣ ତୁମେ ନିଜକୁ ଅନ୍ୟ ମାନବଜାତି ଠାରୁ ଭିନ୍ନ କରିଦେଉଛ । ଯେତେବେଳେ ତୁମେ ବିଶ୍ୱାସ, ଜାତୀୟତା ବା ପରମ୍ପରାଦ୍ୱାରା ନିଜକୁ ପୃଥକ୍ କରିଦେଉଛି, ଏହା ହିଂସା ସୃଷ୍ଟିକରୁଛି । ତେଣୁ ହିଂସାକୁ ବୁଝିବାକୁ ଚାହୁଁଥିବା ଜଣେ ବ୍ୟକ୍ତି କୌଣସି ଦେଶ, କୌଣସି ଧର୍ମ, କୌଣସି ରାଜନୈତିକ ଦଳ କିମ୍ବା ଆଂଶିକ ବ୍ୟବସ୍ଥାର ନୁହେଁ ; ସେ ମାନବଜାତିର ସମ୍ପୂର୍ଣ୍ଣ ବୁଝାମଣା ସହିତ ଜଡ଼ିତ ।'' – ଜେ.କୃଷ୍ଣମୂର୍ତ୍ତି । ତୁମେ କ'ଣ ଏହି ପ୍ରକାରର ଅନ୍ତର୍ଜାତୀୟତା ସହିତ ସହମତ, ଯାହା ବସୁଧୈବ କୁଟୁମ୍ବକମ୍ (ସମଗ୍ର ବିଶ୍ୱ ଗୋଟିଏ ପରିବାର) ର ଭାରତୀୟ ଦର୍ଶନ ସହିତ ସମନ୍ୱିତ ? ସାମ୍ପ୍ରତିକ ଆମେରିକା–ଇରାନ୍ ଏବଂ ରଷ୍–ୟୁକ୍ରେନ୍ ଯୁଦ୍ଧ, ଅତି ଜାତୀୟତାବାଦର ବୃଦ୍ଧି ଏବଂ ବିଶ୍ୱ ଆଉ ଏକ ବିଶ୍ୱଗ୍ରାମ ନୁହେଁ ବୋଲି ଅନୁଭବ କରିବା ପରିପ୍ରେକ୍ଷୀରେ ଆଲୋଚନା କର ।

Candidate must not write on this margin.

16. Plato is believed to have said, "Knowledge without justice ought to be called cunningness rather than wisdom". Why is knowledge alone not sufficient to qualify as wisdom and it needs to be tempered with justice and empathy? Is the sense of justice an essential component of emotional intelligence? Can it be taught to public servants who are already grown up adults? Discuss.

ପ୍ଲାଟୋ କହିଥିଲେ ଯେ ନ୍ୟାୟବିନା ଜ୍ଞାନକୁ ଜ୍ଞାନ ନୁହେଁ ବରଂ ଚତୁରତା କୁହାଯିବା ଉଚିତ । ଜ୍ଞାନ କାହିଁକି କେବଳ ବିଜ୍ଞତା ଭାବରେ ଯୋଗ୍ୟ ହେବା ପାଇଁ ଯଥେଷ୍ଟ ନୁହେଁ ଏବଂ ଏହାକୁ ନ୍ୟାୟ ଓ ସହାନୁଭୂତି ସହିତ ସଂଯମିତ କରାଯିବା ଆବଶ୍ୟକ ? ନ୍ୟାୟବୋଧତା ଭାବପ୍ରବଣ ବୁଦ୍ଧିମତ୍ତାର ଏକ ଅତ୍ୟାବଶ୍ୟକୀୟ ଉପାଦାନ କି ? ଏହା କ'ଣ ପୂର୍ବରୁ ପ୍ରାପ୍ତ ବୟସ୍କ ହୋଇସାରିଥିବା ସରକାରୀ କର୍ମଚାରୀମାନଙ୍କୁ ଶିଖାଇ ହେବ ? ଆଲୋଚନା କର ।

17. At a very senior level meeting in the government chaired by the Education Minister, it is proposed to set up model schools exclusively for girls because the drop out rate is higher for girls and the female literacy rate is lagging behind. Arvind, who is attending the meeting as one of the officials, opposes the proposal on the grounds of being discriminatory to boys, thereby violating the principle of equality. Arvind further argues that the scheme would entail heavy expenditure and is not worth it as the girls generally do not join the economic work force of the state. Therefore, expenditure on their education will not yield commensurate economic benefit to the society. Do you think that Arvind's arguments have a solid legal basis and the proposed policy will be hit by Article 14/15 of the Constitution guaranteeing equality? Also discuss his arguments from the point of view of economic, social and ethical considerations. What will be your suggestions if you were present in the meeting?

ଶିକ୍ଷାମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସରକାରଙ୍କ ଏକ ଉଚ୍ଚସ୍ତରୀୟ ବୈଠକରେ କେବଳ ଝିଅମାନଙ୍କ ପାଇଁ ଏକ ମଡେଲ୍ ସ୍କୁଲ ସ୍ଥାପନ କରିବାକୁ ପ୍ରସ୍ତାବ ଦିଆଯାଇଛି । କାରଣ ଝିଅମାନଙ୍କ ପାଇଁ ଡ୍ରପ୍‌ଆଉଟ୍ ହାର ଅଧିକ ଏବଂ ମହିଳା ସାକ୍ଷରତା ହାର ପଛରେ ରହିଛି । ଜଣେ ଅଧିକାରୀ ଭାବରେ ବୈଠକରେ ଯୋଗଦେଇଥିବା ଅରବିନ୍ଦ ପୁଅମାନଙ୍କ ପ୍ରତି ପକ୍ଷପାତିତାମୂଳକ ହେବା କାରଣରୁ ପ୍ରସ୍ତାବକୁ ବିରୋଧ କରନ୍ତି । କାରଣ ଏହାଦ୍ୱାରା ସମାନତାର ନୀତି ଉଲ୍ଲଂଘନ ହେଉଛି । ଅରବିନ୍ଦ ଆହୁରି ଯୁକ୍ତି ଦର୍ଶାନ୍ତି ଯେ ଏହି ଯୋଜନାରେ ବହୁତ ଖର୍ଚ୍ଚ ହେବ ଏବଂ ଏହାର ଆବଶ୍ୟକତା ନାହିଁ । କାରଣ ଝିଅମାନେ ସାଧାରଣତଃ ରାଜ୍ୟର ଆର୍ଥିକ କର୍ମଯୋଜାନରେ ଯୋଗଦିଅନ୍ତି ନାହିଁ । ତେଣୁ ସେମାନଙ୍କ ଶିକ୍ଷାଉପରେ ଖର୍ଚ୍ଚ କଲେ ସମାଜକୁ ଅନୁରୂପ ଆର୍ଥିକ ଲାଭ ମିଳିବ ନାହିଁ । ତୁମେ କଣ ଭାବୁଛ ଯେ ଅରବିନ୍ଦଙ୍କ ଯୁକ୍ତିର ଏକ ଦୃଢ଼ ଆଇନଗତ ଆଧାର ଅଛି ଏବଂ ପ୍ରସ୍ତାବିତ ନୀତି ସମାନତା ଗ୍ୟାରେଣ୍ଟି ଦେଉଥିବା ସମ୍ବିଧାନର ଧାରା 14/15 ଦ୍ୱାରା ପ୍ରଭାବିତ ହେବ ? ଆର୍ଥିକ, ନୈତିକ ଏବଂ ସାମାଜିକ ବିଚାର ଦୃଷ୍ଟିକୋଣରୁ ତାଙ୍କ ଯୁକ୍ତି ଉପରେ ମଧ୍ୟ ଆଲୋଚନା କର । ଯଦି ତୁମେ ବୈଠକରେ ଉପସ୍ଥିତ ଥାଆନ୍ତ ତେବେ ତୁମର ପରାମର୍ଶ କ'ଣ ହେବ ?